# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 05 December – 2025

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଗତ ୯ ମାସରେ ୨ ଲକ୍ଷ ୪ ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବିଧାନସଭାରେ କହିଲେ ଶିଳ୍ପ ମନ୍ତ୍ରୀ
- ପାରାଦ୍ୱୀପ ବନ୍ଦର ସମେତ ଦେଶର ୩ଟି ସ୍ଥାନରେ ପ୍ରତିଷ୍ଠା ହେବ ସବୁଜ ଉଦ୍‌ଜାନ ଭଣ୍ଡାର
- ସୁଧ ହାର ୫ ଦଶମିକ ୨/୫ ପ୍ରତିଶତକୁ ହ୍ରାସ କଲା ଭାରତୀୟ ରିଜର୍ଭ ବ୍ୟାଙ୍କ
- ରାଜ୍ୟରେ ଆସନ୍ତା ଫେବୃୟାରୀ ୧୯ ତାରିଖରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-ଟ୍ୱେଣ୍ଟି ମ୍ୟାଚ୍ ପାଇଁ କଟକରେ ଅଫ୍‌ଲାଇନ୍‌ରେ ଟିକେଟ୍ ବିକ୍ରି; ସୁରକ୍ଷା ବ୍ୟବସ୍ଥା କଡାକଡି

# ଓଡ଼ିଶା:ମେକ୍ ଇନ୍ ଓଡ଼ିଶା

ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହ ବ୍ୟାପକ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟରେ ଗତ ଜାନୁୟାରୀ ୨୮ ଓ ୨୯ ତାରିଖରେ ଅନୁଷ୍ଠିତ ଉତ୍କର୍ଷ 'ଓଡ଼ିଶା:ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରେ ୧୬ ଲକ୍ଷ ୭୩ ହଜାର କୋଟି ଟଙ୍କାର ୫୯୩ଟି ପ୍ରକଳ୍ପ ପାଇଁ ପ୍ରସ୍ତାବ ଆସିଥିଲା। ଗତ ୯ ମାସ ମଧ୍ୟରେ ରାଜ୍ୟ ସରକାର ୨ ଲକ୍ଷ ୪ ହଜାର କୋଟି ଟଙ୍କା ମୂଲ୍ୟର ୮୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଧାନସଭାରେ ତଥ୍ୟ ରଖିଛନ୍ତି।

ବିଧାନସଭାର ଶୀତକାଳୀନ ଅଧିବେଶନରେ ଆଜି ପ୍ରଶ୍ନକାଳରେ ସଦସ୍ୟ ଅରବିନ୍ଦ ମହାପାତ୍ରଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୨୪ ମସିହା ଏପ୍ରିଲ ମାସରୁ ଗତ ନଭେମ୍ବର ମାସ ମଧ୍ୟରେ ରାଜ୍ୟରେ ୩୨୪ଟି ବୃହତ୍ ଓ ମଧ୍ୟମ ଶିଳ୍ପ ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପରେ ୭ ଲକ୍ଷ ୬ ହଜାର ୨୦୯ କୋଟି ଟଙ୍କା ନିବେଶ ହେବାକୁ ଥିବାବେଳେ ମୋଟ୍ ୪ ଲକ୍ଷ ୫୭ ହଜାର ୨୫୨ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜ୍ୟରେ ବୟନଶିଳ୍ପ ସ୍ଥିତି ସମ୍ପର୍କିତ ସଦସ୍ୟ ଇରାଶୀଷ ଆଚାର୍ଯ୍ୟଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୨୫ ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଓଡ଼ିଶା ଟେକ୍ସଟାଇଲ ସମ୍ମିଳନୀରେ ୬ଟି ଜିଲ୍ଲାରେ ଆଧୁନିକ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରାଯିବାକୁ ସ୍ଥିର ହୋଇଛି।

ଏହି ସମ୍ମିଳନୀରେ ବୟନଶିଳ୍ପ କ୍ଷେତ୍ରରେ ୭ ହଜାର ୮୦୮ କୋଟି ଟଙ୍କାର ନିବେଶ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିବାବେଳେ ଏହାଦ୍ୱାରା ୪୯ ହଜାର ନିଯୁକ୍ତିର ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ବିଧାନସଭା-ନିଯୁକ୍ତି

ରାଜ୍ୟ ସରକାର ଗତ ୧୮ ମାସ ମଧ୍ୟରେ ୩୭ ହଜାର ୩୭୧ ସରକାରୀ ପଦବୀରେ ନିଯୁକ୍ତି ପ୍ରଦାନ କରିଛନ୍ତି ଆଉ ୬୫ ହଜାର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ବିଧାନସଭାରେ ମୁଲତବୀ ଆଲୋଚନାରେ ଉତ୍ତର ରଖି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ମନରେଗାରେ ୨୦୨୫-୨୬ ଆର୍ଥିକବର୍ଷରେ ୧୨ ଲକ୍ଷ ଶ୍ରମଦିବସ ସୃଷ୍ଟି ହୋଇଛି। ସେଥିମଧ୍ୟରୁ ସରକାର ୮ ଲକ୍ଷ ୧୯ ହଜାର ଶ୍ରମଦିବସର ବିନିଯୋଗ କରି ସାରିଥିବା ମନ୍ତ୍ରୀ କହିଛନ୍ତି।

## ଇସ୍ପାତ କାରଖାନା

ଜଗତ୍‌ସିଂହପୁର ଜିଲ୍ଲାର ମହାକାଳପଡା ଓ ପାରାଦ୍ୱୀପରେ ଆର୍ସେଲର ମିତ୍ତଲ-ନିପ୍ପନ୍ ଷ୍ଟିଲ ଇସ୍ପାତ କାରଖାନା ପ୍ରତିଷ୍ଠା କରିବ। ଏଥିପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଜାରି ରହିଥିବା ଆଜି ଗୃହରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ସଦସ୍ୟ ଅରବିନ୍ଦ ମହାପାତ୍ରଙ୍କ ମୂଳ ପ୍ରଶ୍ନ ଏବଂ ସଦସ୍ୟ ଗଣେଶ୍ୱର ବେହେରାଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି, ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାର ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି ରଖିଛନ୍ତି। ମହାକାଳପଡାରେ ପ୍ରକଳ୍ପ ପାଇଁ ରାସ୍ତା ଓ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରାଯାଉଛି। ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର

ଅନୁମୋଦନ ମିଳିଲା ପରେ ରାଜ୍ୟ ସରକାର ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

## ବିଧାନସଭା-ଐତିହ୍ୟ

ରାଜ୍ୟରେ ଐତିହ୍ୟ କୀର୍ତ୍ତିରାଜି ଚିହ୍ନଟ ସହ ଗବେଷଣା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି, ଏ ନେଇ ଗତ ଅଗଷ୍ଟ ମାସ ୨୬ ତାରିଖରେ ହୋଇଥିବା ବୈଠକରେ ୪ ହଜାରରୁ ଊର୍ଦ୍ଧ୍ୱ କୀର୍ତ୍ତିରାଜି ଚିହ୍ନଟ ହୋଇ ଏହା ଉପରେ ଗବେଷଣା ପାଇଁ ନିଷ୍ପତ୍ତି ହୋଇଥିବା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବିଧାନସଭାରେ ପ୍ରଶ୍ନକାଳରେ ମନ୍ତ୍ରୀ କହିଛନ୍ତି, ସରକାର ସେଣ୍ଟର ଫର ହେରିଟେଜ୍ ଷ୍ଟଡି' ସହାୟକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। କୀର୍ତ୍ତିରାଜି ସମ୍ପର୍କରେ ଗବେଷଣା ପାଇଁ ଏକ ବିଶେଷଜ୍ଞ ଦଳ ଗଠନ କରାଯିବ। ଏହି ଦଳ ୩ ବର୍ଷ ମଧ୍ୟରେ ଗବେଷଣା କାର୍ଯ୍ୟ କରିବ। ଏହା ପରେ ସବୁ କ୍ଷେତ୍ରକୁ ବିଚାର କରି ଚିହ୍ନିତ କିର୍ତ୍ତୀରାଜିର ପାରିପାର୍ଶ୍ୱିକ ବିକାଶ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଐତିହାସିକ ବାଲିଯାତ୍ରା କଟକକୁ ୟୁନେସ୍କୋ ଦ୍ୱାରା ମାନ୍ୟତା ଦେବା ପାଇଁ ସରକାର ପ୍ରୟାସ କରୁଥିବା ମନ୍ତ୍ରୀ କହିଛନ୍ତି।

## ସବୁଜ ହାଇଡ୍ରୋଜେନ

କେନ୍ଦ୍ର ସରକାର ପାରାଦ୍ୱୀପ ବନ୍ଦର ସମେତ ଦେଶର ୩ଟି ସ୍ଥାନରେ ସବୁଜ ଉଦ୍‌ଜାନର ଭଣ୍ଡାର ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଥିବା କେନ୍ଦ୍ର ବନ୍ଦର, ଜାହାଜ

ଏବଂ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି। ଲୋକସଭାରେ ସଦସ୍ୟ ବିଭୁପ୍ରସାଦ ତରାଇ ଏବଂ କ୍ୟାପ୍‌ଟେନ୍ ବ୍ରିଜେସ୍ ଚୌଟାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଗୁଜୁରାଟର ଦୀନ ଦୟାଲ ବନ୍ଦର ଏବଂ ତାମିଲନାଡୁର ଭି.ଓ.ଚିଦାମ୍ବରନାର ବନ୍ଦରରେ ମଧ୍ୟ ସବୁଜ ଉଦ୍‌ଜାନର ଭଣ୍ଡାର ସ୍ଥାପନ କରାଯିବ। ପ୍ରତି ଭଣ୍ଡାରର ଉତ୍ପାଦନ କ୍ଷମତା ୧ ଲକ୍ଷ ଟନ୍ ରହିବ ବୋଲି ମନ୍ତ୍ରୀ କହିଛନ୍ତି।

## ରେପୋ ରେଟ୍ ହ୍ରାସ

ଦେଶର ଆର୍ଥିକ ଅଭିବୃଦ୍ଧିକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍-ଆରବିଆଇ ଆଜି ସୁଧ ହାର ହ୍ରାସ କରିଛି। ଚଳିତ ଆର୍ଥିକବର୍ଷର ପଞ୍ଚମ ଦ୍ୱି-ମାସିକ ମୁଦ୍ରାନୀତି ବୈଠକରେ ସୁଧ ହାରକୁ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇ ୫ ଦଶମିକ ୨/୫ ପ୍ରତିଶତ ରଖାଯାଇଥିବା ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ଘୋଷଣା କରିଛନ୍ତି। ଏଥିସହିତ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକବର୍ଷ ପାଇଁ ଅଭିବୃଦ୍ଧି ଆକଳନକୁ ୭ ଦଶମିକ ୩ ପ୍ରତିଶତକୁ ବୃଦ୍ଧି କରିଛି, ପୂର୍ବ ଆକଳନରେ ଯାହା ୬ ଦଶମିକ ୮ ପ୍ରତିଶତ ଥିଲା। ସୁଧ ହାର ହ୍ରାସ ଫଳରେ ଦେଶର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଗୃହ, ଅଟୋ ଏବଂ ବାଣିଜ୍ୟିକ ଋଣ ଶସ୍ତା ହେବ ବୋଲି ଆଶା କରାଯାଉଛି।

## ମାଟ୍ରିକ୍ ପରୀକ୍ଷା

ରାଜ୍ୟରେ ଆସନ୍ତା ଫେବୃୟାରୀ ମାସ ୧୯ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ

ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ। ଏ ନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା, ୨୧ରେ ଇଂରାଜୀ, ୨୩ରେ ତୃତୀୟ ଭାଷା, ୨୫ରେ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ ତାରିଖରେ ଗଣିତ ପରୀକ୍ଷା ହେବ। ଗଣିତ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ୧୫ ମିନିଟ୍ ଅଧିକ ସମୟ ଦିଆଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

## କୋଣାର୍କ ମହୋତ୍ସବ

ଅର୍କକ୍ଷେତ୍ର କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ପାଞ୍ଚଦିନ ବ୍ୟାପୀ ଚାଲିଥିବା ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ ୩୬ତମ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଆଜି ଉଦ୍ଯାପିତ ହେଉଛି। ଉଦ୍ଯାପନୀ ସମାରୋହରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କୋଣାର୍କ ଉତ୍ସବର ଆଜି ଅନ୍ତିମ ଦିବସରେ ଓଡ଼ିଶୀ ଏବଂ କଥକ ନୃତ୍ୟ ପରିବେଷଣ କରାଯିବ। ଚଳିତବର୍ଷ ଜାପାନ, ଋଷିଆ, ସ୍ପେନ, ପର୍ତ୍ତୁଗାଲ, ଶ୍ରୀଲଙ୍କା ଆଦି ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟର ୩୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ଶତାଧିକ ଶିଳ୍ପୀଙ୍କ ଦ୍ୱାରା ବାଲୁକା କଳା ପ୍ରଦର୍ଶିତ ହୋଇଛି।

## ଟି-ଟ୍ୱେଣ୍ଟି ମ୍ୟାଚ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତା ୯ ତାରିଖ ମଙ୍ଗଳବାର ଦିନ କଟକ ବରାବାଟୀ ଷ୍ଟାଡିୟମ୍‌ଠାରେ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ।

ଏହି ମ୍ୟାଚ୍ ପାଇଁ ଆଜି ସକାଳ ୧୦ଟାରୁ କାଉଣ୍ଟରରେ ଟିକେଟ୍ ବିକ୍ରି ହେଉଛି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ପୁଲିସ୍ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି....

**- V/O - (ଏସ୍.ଦେବଦତ୍ତ ସିଂ)**

ଭାରତ ଓ ଦକ୍ଷିଣ ଆଫ୍ରିକା ଦଳ ଆସନ୍ତା ରବିବାର ଭୁବନେଶ୍ୱରରେ ପହଞ୍ଚିବେ । ଆସନ୍ତା ସୋମବାର ଉଭୟ ଦଳ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କରିବେ ।

# ମୃତ୍ତିକା ଦିବସ

ପ୍ରକୃତି ଓ ପୃଥିବୀ ପ୍ରତି ମୃତ୍ତିକାର ଗୁରୁତ୍ୱ ଏବଂ ମୃତ୍ତିକାର ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି,'ସୁସ୍ଥ ସହର ପାଇଁ, ସୁସ୍ଥ ମୃତ୍ତିକା ।' ୨୦୧୩ ମସିହାରେ ଜାତିସଂଘ ସାଧାରଣ ପରିଷଦ' ସଂଯୁକ୍ତ ରାଷ୍ଟ୍ରର ଖାଦ୍ୟ ଓ କୃଷି ସଂଗଠନର ପ୍ରସ୍ତାବକୁ ଗ୍ରହଣ କରି ପ୍ରତିବର୍ଷ ଡିସେମ୍ବର ୫ ତାରିଖରେ ବିଶ୍ୱ ମୃତ୍ତିକା ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୫ ମସିହାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ମାଟି ହେଉଛି ଆମ ଜୀବନର ମୂଳଦୂଆ ଏବଂ ପୃଥବୀରେ ଜୀବନ ସଂଚାର ଓ ପ୍ରବାହକୁ ବଜାୟ ରଖିବାର ଅକ୍ଷୟ ଶକ୍ତି। ଏହି ଅମୂଲ୍ୟ ପ୍ରାକୃତିକ ସମ୍ପଦ ଉପରେ ହିଁ ଆମ ଖାଦ୍ୟ, ଜଳ ଓ ପରିବେଶର ସନ୍ତୁଳନ ନିର୍ଭର କରେ। ମୃତ୍ତିକା ଦିବସ ଅବସରରେ ସମସ୍ତେ ମିଳିମିଶି ମାଟିର ଗୁଣବତ୍ତା ଓ ସୁରକ୍ଷା  ପାଇଁ କାର୍ଯ୍ୟ କରିବା ସହ ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ଲାଗି ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି।

ମୃତ୍ତିକା କ୍ଷୟକୁ ରୋକିବା ଏବଂ କୃଷି କାର୍ଯ୍ୟରେ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ନେଇ ସୃଷ୍ଟ ଆହ୍ୱାନର ମୁକାବିଲା ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଆଜି ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଏହି ଅବସରରେ **ଭଦ୍ରକ** ଜିଲ୍ଲା ରାଣୀତାଲସ୍ଥିତ କୃଷିବିଜ୍ଞାନ କେନ୍ଦ୍ରରେ ଆଜି ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନୀ, ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ  ଫସଲ ପୂର୍ବରୁ ମାଟି ପରୀକ୍ଷା କରିବା, ମାଟିର ଯତ୍ନ ନେବା ସହ ଚାଷୀମାନେ କ୍ଷେତରେ ବିଭିନ୍ନ ପ୍ରକାର ଫସଲ କରି ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ଶତାଧିକ ଚାଷୀ ଯୋଗଦେଇଥିଲେ।

## ସ୍ୱେଚ୍ଛାସେବୀ ଦିବସ

ସାମାଜିକ ବିକାଶ, ଅର୍ଥନୈତିକ ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷାରେ ସ୍ୱେଚ୍ଛାସେବୀଙ୍କ ଭୂମିକାକୁ ସମ୍ମାନ ଜଣାଇ ଆଜି ପାଳିତ ହେଉଛି ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି-'ପ୍ରତ୍ୟେକ ଅବଦାନ ଗୁରୁତ୍ୱପୂର୍ଣ୍ଣ'। ଲୋକମାନଙ୍କୁ ସ୍ୱେଚ୍ଛାକୃତ ଭାବେ ସମାଜସେବା କରିବା ପାଇଁ ପ୍ରେରଣା ଯୋଗାଇବା ଏହି ଦିବସର ଅନ୍ୟତମ ଲକ୍ଷ୍ୟ। ୧୯୮୫ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହି ବର୍ଷ ଡିସେମ୍ବର ମାସ ୧୭ ତାରିଖରେ ଏ ନେଇ ସଂକଳ୍ପ ପାରିତ ହୋଇଥିଲା।

## ଧାନ ମଣ୍ଡି

**ବଲାଙ୍ଗିର** ଜିଲ୍ଲା ଲୋଇସିଂହା କୃଷି ସମବାୟ ସମିତିରେ ଜିଲ୍ଲାପାଳ ଗୌରବ ଶିବାଜୀ ଇଷଲୱାର ଆଜି ଜିଲ୍ଲାସ୍ତରୀୟ ଧାନମଣ୍ଡିର ଶୁଭାରମ୍ଭ କରିଛନ୍ତି। ଆଜିଠାରୁ ଜିଲ୍ଲାର ୧୮୦ଟି ସ୍ଥାନରେ ଚାଷୀଙ୍କଠାରୁ ଧାନ କିଣା ଆରମ୍ଭ ହୋଇଛି। ଚଳିତବର୍ଷ ଜିଲ୍ଲାରୁ ୨ ଲକ୍ଷ ୪୬ ହଜାର ମେଟ୍ରିକ୍ ଟନ୍ ଧାନ କିଣାଯିବାର ଲକ୍ଷ୍ୟ ରଖାଯାଇଛି।

## ଆଲୋଚନାଚକ୍ର

**ଗଜପତି** ଜିଲ୍ଲା କାଶୀନଗର ସ୍ଥିତ ବଂଶଧାରା ପାଠାଗାର ପରିସରରେ ସୂଚନା ଅଧିକାର ଆଇନ୍ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ପାଠାଗାର ସଭାପତି ହୃଷିକେଶ ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ କେନ୍ଦ୍ର ସରକାରଙ୍କ ଅନୁମୋଦିତ ନାଗରିକଙ୍କ ମୌଳିକ ଅଧିକାର, ସୂଚନା ଅଧିକାର ଆଇନ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

# ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଏବଂ ଅନୁଗୁଳ ଜିଲ୍ଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ଅନୁଗୁଳଠାରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିଲା ।